# Asian School of Business Management

**NEW PAPER:** Prameya

**DATE:** 08.04.2018

**PAGE:** Page - 15

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍‌ର ଏକାଦଶ ସମାବର୍ତ୍ତନ

ଚନ୍ଦକା,୭/୪(ଆ.ପ୍ର.): ଏସିଆନ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟ ପରିସରରେ ଏକାଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ପିଜିଡିଏମ ୨୦୧୬-୧୮ ବ୍ୟାଚର ସମସ୍ତ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଡିପ୍ଲୋମା ପ୍ରମାଣପତ୍ର ଉପାଧି ପ୍ରାପ୍ତ ହୋଇଥିଲେ। ଚେୟାରମ୍ୟାନ ଅଥୋରିଟି ଅଫ ଇଣ୍ଡିଆନର ଡକ୍ଟର ଗୁରୁପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୫ ସୁଦ୍ଧା ୧ଲକ୍ଷ ଷ୍ଟାଟପ ୟୁନିଟ ପ୍ରତିଷ୍ଠା ହେବା ସହ ଯୁବ ପିଢୀଙ୍କ ପାଇଁ ଲକ୍ଷାଧିକ ସୁଯୋଗ ସୁବିଧା ସୃଷ୍ଟି ହେବାକୁ ଯାଉଛି ବୋଲି ସୂଚନା ଦେଇ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ସମାଜର ସାମଗ୍ରିକ ଉନ୍ନତି କରିବା ଦିଗରେ ବ୍ରତୀ ହେବା ଲାଗି ପରାମର୍ଶ ଦେଇଥିଲେ। ଆଇଏଫସିଆଇର ଏମଡି ସିଇଓ ଡକ୍ଟର ଇ. ଶଙ୍କର ରାଓ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଗ୍ରାଜୁଏଟିଂ ଛାତ୍ରଛାତ୍ରୀମାନଙ୍କୁ ପ୍ରଫେସନାଲ ଫିଲଡରେ ସଫଳ ହେବାକୁ



ହେଲେ ବିବିଧ ଦକ୍ଷତା ହାସଲ କରି ନୂତନ ଉତ୍ସାହ ସହ କାର୍ଯ୍ୟକରିବା ଜରୁରୀ ବୋଲି କହିଥିଲେ। ଏଏସବିଏମର ବୋର୍ଡ ଅଫ ଗଭର୍ଣ୍ଣସର ଚେୟାରମ୍ୟାନ ଓ ଇନଫିନିଟି ଗ୍ରୁପର ଚେୟାରମ୍ୟାନ ରବୀନ୍ଦ୍ର ଟାମୋଟିଆ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସେ ତାଙ୍କ ଭାଷଣରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାକୁ ଦୃଢତାର ସହ ସାମ୍ନା କରିବାକୁ ପ୍ରବର୍ତ୍ତାଇଥିଲେ। ଏଏସବିଏମର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ବାର୍ଷିକବିବରଣୀ ପାଠକରିଥିଲେ। ଉତ୍ସବରେ ଛାତ୍ରୀ ଅଙ୍କିତା ପରିଡାଙ୍କୁ ଶ୍ରେଷ୍ଠ ଗ୍ରାଜୁଏଟ ପାଇଁ ଇନଫିନିଟି ଗୋଲ୍ଡ ମେଡ଼ାଲ ଓ ବେଷ୍ଟସ ଅଲରାଉଣ୍ଡର ଗୋଲଡ ମେଡାଲ ପ୍ରଦାନ କରାଯାଇଥିଲା। ଉତ୍ସବକୁ ପିଜିକାଉନସିଲ ପ୍ରଫେସର ଉଦୟନ ଦାସ ପରିଚାଳନା କରିଥିଲେ।